**ଏକର ପିଛା ଆୟବ୍ୟୟର ଅଟକଳ :**

ଛୋଟ ଛୋଟ ଗାଡ଼ିଆ ଓ ପୋଖରୀ ମାନଙ୍କରେ ମୁଣ୍ଡା ଜାଆଁଳ ଚାଷ କରି ବର୍ଷକୁ ୪ ରୁ ୫ ମାସ ଅବଧି ବିଶିଷ୍ଟ ୨ ଗୋଟି ଫସଲ ଉତାରି ହୁଏ । ଏଭଳି ଚାଷ ପ୍ରଣାଳୀ ଦ୍ୱାରା ଏକ ୧୦ ଡେସିମିଲି ପୋଖରୀରୁ ଫସଲ ପିଛା ୨୦୦ କି.ଗ୍ରା. (୬ ହଜାର) ମୁଣ୍ଡା ଜାଆଁଳ ହିସାବରେ ବାର୍ଷିକ ୨ ଗୋଟି ଫସଲରୁ ମୋଟ ୪୦୦ କି.ଗ୍ରା. (୧୨ ହଜାର) ଜାଆଁଳ ମିଳିଥାଏ । ଯଦି କି.ଗ୍ରା. ଜାଆଁଳ ପ୍ରତି ୫୦ ଟଙ୍କା ଦରରେ ବିକ୍ରୀ କରାଯାଏ ତେବେ ଏହି ଛୋଟ ପୋଖରୀରୁ ମୋଟ ୨୦,୦୦୦ ଟଙ୍କା ଆୟ ମିଳିବା ସଙ୍ଗେ ସଙ୍ଗେ ମୋଟ ୧୨,୦୦୦ ଟଙ୍କା ନିଟ୍ ଲାଭ ମିଳିଥାଏ । ଏହି ପଦ୍ଧତି ମାଛ ଚାଷରେ ପୋଖରୀର ଧାରଣ ଶକ୍ତି ଠାରୁ କମ୍ ପରିମାଣର ମାଛ ରହୁଥିବାରୁ ସଘନ ମାଛ ଚାଷ ପରି ନିୟମିତ ପୋଖରୀର ପାଣି ପରିବର୍ତ୍ତନ ବା ବାୟୁ ସଞ୍ଚାଳନ ବିଧି କରିବାକୁ ପଡ଼ିନଥାଏ । କିନ୍ତୁ ସଘନ ମାଛ ଚାଷ ଭଳି ଏକର ପିଛା ଅତି କମ୍‌ରେ ବର୍ଷକୁ ୧,୦୦,୦୦୦ ରୁ ୧,୪୦,୦୦୦ ପର୍ଯ୍ୟନ୍ତ ନିଟ୍ ଲାଭ ମିଳିଥାଏ ।

| | |
|---|---|
| (୧) ପୋଖରୀର ଲିଜ୍ ମୂଲ୍ୟ | = ଟ.୧୦,୦୦୦.୦୦ |
| (୨) ବର୍ଷିକିଆ ମୁଣ୍ଡା ଜାଆଁଳ | = ଟ. ୬,୦୦୦.୦୦ |
| (୩) ଖତ ଓ ସାର | = ଟ.୧୫,୦୦୦.୦୦ |
| (୪) ଖାଦ୍ୟ | = ଟ.୫୦,୦୦୦.୦୦ |
| (୫) ପାଣି ପମ୍ପ ଓ ଡିଜେଲ୍ | = ଟ.୧୫,୦୦୦.୦୦ |
| (୬) ମଜୁରି ବାବଦରେ | = ଟ.୧୦,୦୦୦.୦୦ |
| (୭) ଅନ୍ୟାନ୍ୟ | = ଟ.୧୦,୦୦୦.୦୦ |
| ମୋଟ | = ଟ.୧,୧୬,୦୦୦.୦୦ |

ଆୟ ୨୫୦୦ କି.ଗ୍ରା. ମାଛ (୧ କି.ଗ୍ରା. ପିଛା ଟ.୧୦୦ ଦରରେ) = ଟ. ୨,୫୦,୦୦୦.୦୦

ଲାଭ ଟ.୨,୫୦,୦୦୦.୦୦ - ଟ. ୧,୧୬,୦୦୦.୦୦ = ଟ. ୧,୩୪,୦୦୦.୦୦








ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।

# ବାରମ୍ବାର ଅମଳ ପ୍ରକ୍ରିୟାରେ ଉନ୍ନତ ବର୍ଷିକିଆ ମୁଣ୍ଡା ଜାଆଁଳ ଚାଷର ପ୍ରଣାଳୀ




ତଥ୍ୟ

**ଶ୍ରୀମତୀ ରଶ୍ମିପ୍ରଭା ମିଶ୍ର**

କାର୍ଯ୍ୟକ୍ରମ ସହାୟିକା (ମତ୍ସ୍ୟ ବିଜ୍ଞାନ)

ମୁଖ୍ୟ ସଂପାଦିକା

**ଡଃ. ବିନୀତା ଶତପଥୀ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ


## କୃଷି ବିଜ୍ଞାନ କେନ୍ଦ୍ର
## ଅନୁଗୋଳ

## ମୁଣ୍ଡା ଜାଆଁଳ ଚାଷର ଉପଯୋଗୀତା

ମୁଣ୍ଡା ଜାଆଁଳ ବ୍ୟବହାର କରି ବାରମ୍ବାର ଅମଳ ପଦ୍ଧତିରେ ମାଛ ଚାଷ, ଧିରେ ଧିରେ ଆମ ରାଜ୍ୟର ଚାଷୀ ଭାଇମାନଙ୍କ ମଧ୍ୟରେ ଆଦୃତ ହେବାରେ ଲାଗିଲାଣି । ଏହି ପଦ୍ଧତିରେ ଚାଷ କରିବାକୁ ହେଲେ ଏକ ଏକର ଚାଷ ପୋଖରୀ ପାଇଁ ଅତି କମ୍‌ରେ ୧୦ ଡିସିମିଲି ବିଶିଷ୍ଟ ଏକ ମୁଣ୍ଡା ଜାଆଁଳ ଉତ୍ପାଦନ ପୋଖରୀର ଆବଶ୍ୟକ ହୋଇଥାଏ । ଭାକୁର, ରୋହୀ ଓ ମିରିକାଳୀ ପ୍ରଭୃତି କାର୍ପ ଜାତୀୟ ମାଛମାନଙ୍କୁ ଯଦି ପ୍ରଥମ ବର୍ଷ ଅଧିକ ସଂଖ୍ୟାରେ ଏବଂ ସୀମିତ ସ୍ଥାନରେ ଚାଷ କରାଯାଏ, ତାହେଲେ ଖାଦ୍ୟାଭାବରୁ ଏମାନଙ୍କର ଶରୀରର ବୃଦ୍ଧି ଭଲ ହୋଇନଥାଏ । ଯାହା ଫଳରେ ଏମାନେ ଗେଡ଼ା ବା ମୁଣ୍ଡା ଆକାରର ରହିଥାନ୍ତି । ଏହି ମୁଣ୍ଡା ଜାଆଁଳ ଗୁଡ଼ିକୁ ଦ୍ୱିତୀୟ ବର୍ଷ କମ୍ ସଂଖ୍ୟାରେ ଯଦି ଚାଷ ପୋଖରୀରେ ଛଡ଼ାଯାଏ ଏବଂ ଅନୁକୂଳ ପରିବେଶରେ ପରିଚାଳନା କରାଯାଏ ତାହେଲେ ଏମାନଙ୍କର ଶରୀର ବୃଦ୍ଧି ସର୍ବାଧିକ ହୋଇଥାଏ ଏପରିକି ତିନି ମାସ ମଧ୍ୟରେ ୫୦୦ ରୁ ୭୫୦ ଗ୍ରାମ୍ ପର୍ଯ୍ୟନ୍ତ ପହଞ୍ଚିଥାଏ ।

## ମୁଣ୍ଡା ଜାଆଁଳ ଚାଷ ପାଇଁ କିଛି ତଥ୍ୟ

- ୫ ମାସରୁ ୧୨ ମାସ - ମୁଣ୍ଡା ଜାଆଁଳ
- ୧୨ ମାସରୁ ଅଧିକ - ଇୟରଲିଙ୍ଗ୍ ବା ବର୍ଷିକିଆ ମୁଣ୍ଡା ଜାଆଁଳ
- ମୁଣ୍ଡା ଜାଆଁଳର ଆକାର - ୩୦ ରୁ ୨୫୦ ଗ୍ରାମ୍
- ମୁଣ୍ଡା ଜାଆଁଳ ପ୍ରସ୍ତୁତି ପାଇଁ ଧାନି ଜାଆଁଳ ଛାଡିବା ସଂଖ୍ୟା - ଘନମିଟର ପିଛା ୩୦ ରୁ ୪୦
- ମୁଣ୍ଡା ଜାଆଁଳ ପ୍ରସ୍ତୁତି ପାଇଁ ଫିଙ୍ଗରଲିଙ୍ଗ୍ ଛାଡିବା ସଂଖ୍ୟା - ଘନମିଟର ପିଛା୧୫ ରୁ ୨୦

### ଚାଷ ପ୍ରଣାଳୀ

| ↙ | ↓ | ↘ |
|---|---|---|
| ପ୍ରଥମ ଫସଲ<br>ଜୁଲାଇରୁ ସେପ୍ଟେମ୍ବର<br>(୩ମାସ) | ଦ୍ୱିତୀୟ ଫସଲ<br>ଅକ୍ଟୋବରରୁ ଜାନୁଆରୀ<br>(୪ମାସ) | ତୃତୀୟ ଫସଲ<br>ଫେବୃଆରୀରୁ ଏପ୍ରିଲ୍<br>(୩ମାସ) |

## ଚୂନ ଓ ଖତ ସାରର ପ୍ରୟୋଗ

ଚୂନ (୧୦୦କି.ଗ୍ରା./ଏକର)

↓

ଏକ ସପ୍ତାହରୁ ଦୁଇ ସପ୍ତାହ ପରେ ଗୋବର ୨୦୦୦ କି.ଗ୍ରା. (ପୁରୁଣା ପୋଖରୀ ପାଇଁ) ଓ ୩୦୦୦ କି.ଗ୍ରା. (ନୂଆ ପୋଖରୀ ପାଇଁ)

↓

ଦୁଇ ସପ୍ତାହ ପରେ ଏମୋନିୟମ୍ ସଲ୍‌ଫେଟ୍ ବା କ୍ୟାଲସିୟମ୍ ଏମୋନିୟମ୍ ନାଇଟ୍ରେଟ୍ ସାର ୫ କି.ଗ୍ରା. ଓ ସିଙ୍ଗିଲ୍ ସୁପର୍ ଫସଫେଟ୍ ସାର ୫ କି.ଗ୍ରା.(ପୁରୁଣା ପୋଖରୀ ପାଇଁ) ବା ୟୁରିଆ ୮ କି.ଗ୍ରା. ସହ ସିଙ୍ଗିଲ୍ ସୁପର୍ ଫସଫେଟ୍ ସାର ୧୬ କି.ଗ୍ରା.(ନୂଆ ପୋଖରୀ ପାଇଁ)

↓

ଅଧିକ ପ୍ଲାଙ୍କଟନ୍ ପାଇଁ ଏକର ପିଛା ୧୦୦ ରୁ ୨୦୦ କି.ଗ୍ରା. କୁକୁଡା ଖତ ଓ ୩ ମାସରେ ୪ ରୁ ୬ କି.ଗ୍ରା. ଅଣୁସାରର ବ୍ୟବହାର





## ଜାଆଁଳ ଛାଡିବା ଅନୁପାତ (ଏକର ପିଛା)

| | |
|---|---|
| ଭାକୁର | - ୨୦୦ |
| ରୋହୀ | - ୭୦୦ |
| ମିରକାଳୀ | - ୨୦୦ |
| ବିଲାତି ରୋହୀ | - ୧୦୦ |
| **ସମୁଦାୟ** | **- ୧୨୦୦** |





## କୃତ୍ରିମ ଖାଦ୍ୟର ବ୍ୟବହାର

ପ୍ରଥମ ମାସ : ଦୈନିକ ୩ କି.ଗ୍ରା. ବାଦାମ ପିଡିଆ ବା ସୋରିଷ ପିଡିଆ ଓ ୬ କି.ଗ୍ରା. କୁଣ୍ଡା

ଦ୍ୱିତୀୟ ମାସ : ଦୈନିକ ୪ କି.ଗ୍ରା. ବାଦାମ ପିଡିଆ ବା ସୋରିଷ ପିଡିଆ ଓ ୮ କି.ଗ୍ରା. କୁଣ୍ଡା

ତୃତୀୟ ମାସ : ଦୈନିକ ୫ କି.ଗ୍ରା. ବାଦାମ ପିଡିଆ ବା ସୋରିଷ ପିଡିଆ ଓ ୧୦ କି.ଗ୍ରା. କୁଣ୍ଡା





## ପୋଖରୀ ପରିଚାଳନା ଓ ଅମଳ

- ପ୍ରତି ଫସଲ ପରେ ୧୦୦ ମେସ୍ ଆକାରର ଜାଲି ବ୍ୟବହାର କରି ପୋଖରୀରୁ ୧୦ ରୁ ୧୫ ଭାଗ ପାଣି ନିଷ୍କାସନ ।
- ଅକ୍ଟୋବର ଓ ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଏକର ପିଛା ୮୦ ରୁ ୧୦୦ କି.ଗ୍ରା. ଚୂନର ପ୍ରୟୋଗ ।
- ପ୍ରତି ଫସଲର ଦ୍ୱିତୀୟ ମାସରେ ଏକର ପିଛା ସିଫାକ୍ସ ୪୦୦ ମି.ଲି.କୁ ୫୦ ଲିଟର ପାଣିରେ ମିଶାଇ ପ୍ଲାଷ୍ଟିକ ବାଲଟି ସାହାଯ୍ୟରେ ପ୍ରୟୋଗ ।
- ମାଛ ଅମଳ ସମୟ ଓ ମାଛ ଓଜନ - ୩ ରୁ ୪ ମାସର ଅବଧି ଓ ୫୦୦ ରୁ ୭୦୦ ଗ୍ରାମ୍ ।
- ଉତ୍ପାଦନ କ୍ଷମତା - ୨.୫ ରୁ ୩ ଟନ୍ ପ୍ରତି ଏକର ।




